# NATIONAL NEWS BULLETIN (ODIA)

**27 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଚାରିଦିନିଆ ତାମିଲନାଡୁ ଗସ୍ତରେ ଯାଇ କୋଏମ୍ବାଟୁରଠାରେ ପହଞ୍ଚିଲେ ରାଷ୍ଟ୍ରପତି ।
- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜି ଦିନକ ପାଇଁ ଉଭୟ ସଦନ ମୁଲତବୀ ।
- ଦେଶର ଉପକୂଳବର୍ତ୍ତୀ ଅଞ୍ଚଳରେ ରହିଥିବା ଖଣି ଅଞ୍ଚଳ ଗୁଡ଼ିକର ପ୍ରଥମ ପର୍ଯ୍ୟାୟ ନିଲାମ ଆସନ୍ତାକାଲି ।
- ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ନୂତନ ସମନ୍ୱୟ ଓ ଭାଗିଦାରୀ ଉପରେ ଗୁରୁତ୍ୱ ପ୍ରଦାନ କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ସାମୁଦ୍ରିକ ଝଡ଼ 'ଫେଙ୍ଗଲ'କୁ ଦୃଷ୍ଟିରେ ରଖି ତାମିଲନାଡୁ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ ।

## ପ୍ରେଜ୍-ତାମିଲନାଡୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଚାରିଦିନିଆ ତାମିଲନାଡୁ ଗସ୍ତରେ ଯାଇ କୋଏମ୍ବାଟୁରଠାରେ ପହଞ୍ଚିଛନ୍ତି । ୱେଲିଂଟନ୍ ଉଟିସ୍ଥିତ ଡିଫେନ୍ସ

ସର୍ଭିସେସ୍ ଷ୍ଟାପ୍ କଲେଜ୍‌ର ଅଧ୍ୟାପକ ଏବଂ ଶିକ୍ଷାର୍ଥୀଙ୍କୁ ଆସନ୍ତାକାଲି ସମ୍ବୋଧନ କରିବେ । ଖରାପ ପାଗ ଯୋଗୁଁ ରାଷ୍ଟ୍ରପତି ସଡ଼କପଥରେ ଉଟି ଅଭିମୁଖେ ଯାତ୍ରାକ ରୁଛନ୍ତି । ନୀଳଗିରି ଜିଲ୍ଲାର ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ଆସନ୍ତା ୨୯ ତାରିଖରେ ରାଷ୍ଟ୍ରପତି ଆଲୋଚନାର କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କୋଏମ୍ବାଟୁର ଏବଂ ଉଟି ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

## ଉଭୟ ସଦନ ମୁଲତବୀ

ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ସଦନକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି । ଲୋକସଭା ଅଧିବେଶନ ଆଜି ଆରମ୍ଭ ହେବାକ୍ଷଣି ବିରୋଧୀ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଟିଏମ୍‌ସି ଏବଂ ଅନ୍ୟ ଦଳର ସଦସ୍ୟ ଏକ ପ୍ରମୁଖ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ଏବଂ ଅନ୍ୟକେତେକ ପ୍ରସଙ୍ଗ ନେଇ ଗୃହ ମଧ୍ୟଭାଗରେ ସ୍ଲୋଗାନ ଦେଇଥିଲେ । ବାଚସ୍ପତି ଓମ୍ ବିର୍ଲା ଗୃହର ଶୃଙ୍ଖଳା ଏବଂ ମର୍ଯ୍ୟାଦା ବଜାୟ ରଖିବାକୁ ସଦସ୍ୟଙ୍କୁ ବାରମ୍ବାର ଅନୁରୋଧ କରିଥିଲେ । ପ୍ରଶ୍ନକାଳ ପରେ ଉତ୍ଥାପିତ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ବାଚସ୍ପତି ପ୍ରତିଶ୍ରୁତି ଦେଇଥିଲେ । ତେବେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ପୁଣି

ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟଙ୍କର ହଟ୍ଟଗୋଳ ପୂର୍ବପରି ଜାରି ରହିଥିଲା । ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି ।

ସେହିଭଳି ରାଜ୍ୟସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଉତ୍ତରପ୍ରଦେଶ ସମ୍ଭଲ ଜିଲ୍ଲା ହିଂସାକାଣ୍ଡ, ମଣିପୁର ହିଂସା ଏବଂ ଏକ ବ୍ୟବସାୟିକ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ନେଇ ବିରୋଧୀ ଦଳଙ୍କ ପକ୍ଷରୁ ମୁଲତବୀ ନୋଟିସ୍ ଆଗତ କରାଯାଇଥିଲା । ଅଧ୍ୟକ୍ଷ ଜଗଦୀପ ଧନଖଡ ଧାରା ୨୬୭ ଆଧାରରେ ଏହି ନୋଟିସକୁ ଅଗ୍ରାହ୍ୟ କରିଥିଲେ । ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ପାଳନ ସଂକ୍ରାନ୍ତ ପରମ୍ପରାକୁ ଅନୁସରଣ କରିବାକୁ ଶ୍ରୀ ଧନଖଡ ବାରମ୍ବାର ଅନୁରୋଧ କରିଥିଲେ । ଗତ ୩୦ ବର୍ଷ ମଧ୍ୟରେ ଏହି ୨୬୭ ଧାରାକୁ ଥରେ ମାତ୍ର ଲାଗୁ କରାଯାଇଛି ବୋଲି ଶ୍ରୀ ଧନଖଡ ସଦସ୍ୟଙ୍କୁ ଜଣାଇଥିଲେ । ବିତର୍କ ଏବଂ ଆଲୋଚନା ମାଧ୍ୟମରେ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ ଅଧ୍ୟକ୍ଷ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ । ତେବେ ହଟ୍ଟଗୋଳ ଯୋଗୁଁ ଗୃହକୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ତେବେ ସାଢ଼େ ୧୧ଟାରେ ରାଜ୍ୟସଭା ବୈଠକ ପୁନଃ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟଙ୍କ ପକ୍ଷରୁ ଅନ୍ଦୋଳନ ପୂର୍ବଭଳି ଜାରି ରହିଥିଲା । ଶ୍ରୀ ଧନଖଡ ପରିସ୍ଥିତିକୁ ଦୃଷ୍ଟିରେ ଆଜି ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣି କରିଥିଲେ ।

# ବାଣିଜ୍ୟମେଳା

ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ୪୩ତମ ଭାରତ ଆନ୍ତର୍ଜାତିକ ବାଣିମେଳା ଆଇଆଇଟିଏଫ୍ ଆଜି ଉଦ୍‌ଯାପିତ ହେବ । ୧୪ଦିନ ଧରି ଚାଲିଥିବା ଏହି ମେଳାରେ ଦେଶର ଅର୍ଥନୈତିକ ଏବଂ ସାଂସ୍କୃତିକ ସମୃଦ୍ଧିକୁ ବିଶ୍ୱସ୍ତରରେ ପ୍ରଦର୍ଶନ କରାଯାଇଛି । ଏହି ମେଳା ଜନସାଧାରଣଙ୍କ ପକ୍ଷରୁ ସକାରାତ୍ମକ ପ୍ରତିକ୍ରିୟା ନେଇଛି । ଚଳିତବର୍ଷର ମେଳାରେ ଝାଡ଼ଖଣ୍ଡକୁ ପ୍ରାଥମିକତା ପ୍ରଦାନ କରାଯାଇଥିବାବେଳେ ବିହାର ଏବଂ ଉତ୍ତରପ୍ରଦେଶକୁ ସହଯୋଗୀ ରାଜ୍ୟ ଭାବେ ଗ୍ରହଣ କରାଯାଇଥିଲା । ଚୀନ୍, ଇଜିପ୍ଟ, ଇରାନ, ଦକ୍ଷିଣକୋରିଆ, ଥାଇଲାଣ୍ଡ, ତୁର୍କୀ ଏବଂ ୟୁଏଇ ସମେତ ୧୧ଟି ଦେଶ ଆନ୍ତର୍ଜାତିକ ମେଳାରେ ଅଂଶଗ୍ରହଣ କରିଛନ୍ତି ।

# ଖଣି ନିଲାମ

ଦେଶର ଉପକୂଳବର୍ତ୍ତୀ ଅଞ୍ଚଳରେ ରହିଥିବା ଖଣି ଅଞ୍ଚଳ ଗୁଡ଼ିକର ପ୍ରଥମ ପର୍ଯ୍ୟାୟ ନିଲାମ ଆସନ୍ତାକାଲି ଅନୁଷ୍ଠିତ ହେବ । ଏଥିରେ ଆରବସାଗର ଏବଂ ଆଣ୍ଡାମାନ ସାଗର ଉପକୂଳ ଅଞ୍ଚଳରେ ଥିବା ୧୩ଟି ଖଣି ଅଞ୍ଚଳକୁ ସାମିଲ କରାଯାଇଛି । ଭିତ୍ତିଭୂମି ବିକାଶ, ସବୁଜ ଶକ୍ତି ଏବଂ ହାଇଟେକ୍ ଉତ୍ପାଦନ କ୍ଷେତ୍ରରେ ଉପଯୋଗୀ ହୋଇପାରୁଥିବା ଖଣିଜ ପଦାର୍ଥ ସେହି

ଅଞ୍ଚଳରେ ଥିବା ଜଣାପଡିଛି । ଖଣି ମନ୍ତ୍ରଣାଳୟ କହିଛି ଉପକୂଳ ଅଞ୍ଚଳର ସମୁଦ୍ର ତଳେ ଖଣିଜସମ୍ପଦର ଅନୁସନ୍ଧାନ ଏବଂ ଏହାର ଉତ୍ତୋଳନ ସହ ଉପଯୋଗ ପାଇଁ ଏଭଳି ପଦକ୍ଷେପ ଉଲ୍ଲେଖ ନିଏ । ଉପକୂଳ ଅଞ୍ଚଳ ମଧ୍ୟରେ ଜଳସୀମା, ମହାଦେଶୀୟ ଅଞ୍ଚଳ, ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି । ୨୦ଲକ୍ଷ ବର୍ଗ କିଲୋଟରୁ ଅଧିକ ଅଞ୍ଚଳ ବିଶିଷ୍ଟ ଦେଶର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ରେ ଯଥେଷ୍ଟ ଖଣିଜ ସମ୍ପଦ ରହିଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ପାକିସ୍ତାନ ପ୍ରୋଟେଷ୍ଟ

ଜେଲ୍‌ରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ମୁକ୍ତି ଦାବିରେ ଇସଲାମାବାଦର ଡି-ଚୌକଠାରେ ବିକ୍ଷୋଭ କରୁଥିବା ସମର୍ଥନକାରୀଙ୍କ ଉପରେ ପାକିସ୍ତାନ ସୁରକ୍ଷା ବାହିନୀ ଚଢ଼ଉ କରିଛି । ସୁରକ୍ଷା ବାହିନୀ ପକ୍ଷରୁ ଭିଡ଼କୁ ପ୍ରତିହତ କରିବା ଲାଗି ଲୁହବୁହା ଗ୍ୟାସ୍ ଛଡାଯିବା ସହ ଶତାଧିକ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି । ଇମ୍ରାନ ଖାଁଙ୍କ ପତ୍ନୀ ବୁସରା ବିବିଙ୍କ ନେତୃତ୍ୱରେ ହଜାରହଜାର ବିକ୍ଷୋଭକାରୀ ଇସଲାମବାଦ ସିଟି ସେଣ୍ଟରଠାରେ ଏକତ୍ରିତ ହୋଇଥିଲେ । ଏକାଧିକ ସୁରକ୍ଷା ବଳୟକୁ ଭଙ୍ଗ କରି ବିକ୍ଷୋଭକାରୀମାନେ ଦେଶର ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ରେଡ୍‌ଜୋନ୍‌ରେ ପ୍ରବେଶ କରିଥିଲେ ।  ସେଠାରେ ବହୁ ଗୁରୁତ୍ୱପୂର୍ଣ୍ଣ

ସରକାରୀ କାର୍ଯ୍ୟାଳୟ ରହିଛି । ବିକ୍ଷୋଭଜନିତ ହିଂସାକାଣ୍ଡ ଯୋଗୁଁ ୬ଜଣ ସୁରକ୍ଷା କର୍ମୀଙ୍କର ମୃତ୍ୟୁ ହୋଇଥିଲା । ୧୨ଜଣରୁ ଅଧିକ ଆହତ ହୋଇଛନ୍ତି । ତେବେ ସେଠାରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ଥିବା ଜଣାପଡିଛି ।

## ଜୟଶଙ୍କର-ଜି୭

ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ନୂତନ ସମନ୍ୱୟ ଏବଂ ଭାଗିଦାରୀ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗୁରୁତ୍ୱ ଦେଇଛନ୍ତି । ଇଟାଲୀର ଫିୟୁଗିଠାରେ ଭାରତ-ପ୍ରଶାନ୍ତ ମହାସାଗରୀୟ ସହଯୋଗୀଙ୍କ ସହ ଜି-୭ ବୈଦେଶିକ ମନ୍ତ୍ରୀଙ୍କ ଆଉଟ୍‌ରିଚ୍ ବୈଠକରେ ଯୋଗଦେଇ ଡକ୍ଟର ଜୟଶଙ୍କର ସେହି ଅଞ୍ଚଳରେ ୬ଟି ପ୍ରମୁଖ କ୍ଷେତ୍ର ଉପରେ ସହଯୋଗ ନେଇ ଆଲୋଚନା କରିଛନ୍ତି । ସେଗୁଡ଼ିକ ମଧ୍ୟରେ ସାମୁଦ୍ରିକ ସହାବସ୍ଥାନ, ସେମିକଣ୍ଡକ୍ଟର, ଯୋଗାଣ ଶୃଙ୍ଖଳ, ଅସ୍ଥାୟୀ ଋଣକୁ ଏଡାଇବା ନେଇ ସମ୍ବଳ ଉପଯୋଗ, ବିକାଶ ଲାଗି ପ୍ରଶାସନ, ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତି ବିଦ୍ୟା ଆଦି ଅନ୍ତର୍ଭୁକ୍ତ । ଆନ୍ତର୍ଜାତିକ ଆଇନ୍‌କୁ ସମ୍ମାନ ଜଣାଇ ଏସବୁ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଅତ୍ୟନ୍ତ ଜରୁରୀ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# ଓଟିଟି

ସାମାଜିକ ଗଣମାଧ୍ୟମରେ ଅସାମାଜିକ ବିଷୟବସ୍ତୁକୁ ରୋକିବା ପାଇଁ ପ୍ରଚଳିତ ଆଇନ୍‌କୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଲୋକସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯାଞ୍ଚ ଅଭାବରୁ ସାମାଜିକ ଗଣମାଧ୍ୟମରେ ବହୁ ଅସାମାଜିକ ବିଷୟବସ୍ତୁ ପ୍ରଦର୍ଶିତ ହେଉଛି । ଦେଶର ସଂସ୍କୃତି ଆଧାରିତ ଓଟିଟି ପ୍ଲାଟଫର୍ମ ସମ୍ପର୍କରେ ମତ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି- ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଟିଟି ଏବଂ ଅନ୍ୟ ସାମାଜିକ ଗଣମାଧ୍ୟମ ଭିତରେ ପ୍ରାର୍ଥିତ୍ୱ ରହିଛି । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ୍ ଅଧୀନରେ ସରକାର ଆଇଟି ନିୟମ ୨୦୨୧ ନେଇ ବିଜ୍ଞପ୍ତି ଜାରି କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ଓଟିଟି ପ୍ଲାଟଫର୍ମରେ ଆଇନ୍ ଅନୁଯାୟୀ ବିଷୟବସ୍ତୁ ପ୍ରସାରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଶ୍ରୀ ବୈଷ୍ଣବ କହିଛନ୍ତି ଗତ ମାର୍ଚ୍ଚ ମାସରେ ଆଇନ୍ ଅନୁଯାୟୀ ଅସାମାଜିକ ବିଷୟବସ୍ତୁ ସମ୍ପର୍କିତ ୧୮ଟି ଓଟିଟି ପ୍ଲାଟଫର୍ମକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିଷେଧ କରାଯାଇଛି ।

# ଅନ୍ନପୂର୍ଣ୍ଣାଦେବୀ–ବାଲ ବିବାହ

ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ନୂଆଦିଲ୍ଲୀରେ ‘ବାଲ୍ ବିବାହ ମୁକ୍ତ ଭାରତ’ ଶୀର୍ଷକ ଏକ ଜାତୀୟ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଦେଶକୁ ବାଲ୍ୟ ବିବାହ ମୁକ୍ତ ରାଷ୍ଟ୍ରରେ ପରିଣତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ଅବସରରେ ବାଲ୍ୟ ବିବାହ ମୁକ୍ତ ଭାରତ ପୋର୍ଟାଲ୍‌ର ସେ ଉନ୍ମୋଚନ କରିଛନ୍ତି । ବାଲ୍ୟବିବାହକୁ ରୋକିବା ପାଇଁ ସଚେତନତା ବୃଦ୍ଧି ଏବଂ ପ୍ରଭାଶାଳୀ ପଦକ୍ଷେପ ଲକ୍ଷ୍ୟରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୧୩ କିଲୋମିଟର ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି । ଏହା ତ୍ରିଙ୍କୋମାଳିଠାରୁ ପ୍ରାୟ ୧୩୦ କିଲୋମିଟର ପୂର୍ବ-ଦକ୍ଷିଣ ପୂର୍ବ ଏବଂ ନାଗାପଟ୍ଟିନମ୍‌ଠାରେ ୪୦୦ କିଲୋମିଟର ଦକ୍ଷିଣ ପୂର୍ବ ଓ ଚେନ୍ନାଇଠାରେ ୫୯୦ କିଲୋମିଟର ଦକ୍ଷିଣ ଦକ୍ଷିଣପୂର୍ବ ଦିଗରେ ଅବସ୍ଥିତ ଅଛି ଆସନ୍ତା ୧୨ଘଣ୍ଟା ମଧ୍ୟରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ସାମୁଦ୍ରକ ଝଡ଼ରେ ପରିଣତ ହେବ । ଆସନ୍ତା ୪୮ ଘଣ୍ଟା ଧରେ ଏହା ତାମିଲନାଡୁ ଓ ଶ୍ରୀଲଙ୍କା ଉପକୂଳ ଆଡକୁ ଗତି କରିବାର ସମ୍ଭାବନା ରହିଛି ।

ଭାରତୀୟ ପାଣିପାଗ ବିଭାଗ ଏହି ସାମୁଦ୍ରିକ ଝଡ଼ ପେଙ୍ଗଲକୁ ଦୃଷ୍ଟିରେ ରଖି ତାମିଲନାଡୁ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରିଛି । ଆଇଏମ୍‌ଡିର ବରିଷ୍ଠ ବୈଜ୍ଞାନିକ ଆର୍. କେ. ଜେନାମଣି କହିଛନ୍ତି  ଉପକୂଳ ଆନ୍ଧ୍ରପ୍ରଦେଶରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର, ତାମିଲନାଡୁ ଉପକୂଳ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦେଇଛନ୍ତି ।

ଅନ୍ୟପକ୍ଷରେ ସାମୁଦ୍ରିକ ଝଡ଼ ପେଙ୍ଗଲର ଗତିପଥକୁ ଦୃଷ୍ଟିରେ ରଖି ଶ୍ରୀଲଙ୍କା ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ସମୁଦ୍ରର ଗଭୀର ଅଞ୍ଚଳକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି । କେତେକ ସ୍ଥାନରେ ୨୦୦ମିଲିମିଟରର ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସେଠାକାର ପାଣିପାଗ ବିଭାଗ କହିଛନ୍ତି । ଶ୍ରୀଲଙ୍କା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ ସୂଚନା ଅନୁଯାୟୀ ୧୭ଟି ଜିଲ୍ଲାର ପ୍ରଭାବିତ ହେବାକୁଥିବା ଅଞ୍ଚଳରୁ ୧୦ହଜାରରୁ ଅଧିକ ଲୋକଙ୍କୁ ଇତିମଧ୍ୟରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନା ପ୍ରଦାନ ନିମନ୍ତେ ପରିଚାଳନା କେନ୍ଦ୍ର ଏବଂ ଶ୍ରୀଲଙ୍କା ପୁଲିସ ପକ୍ଷରୁ ହେଲ୍‌ପ ଲାଇନ୍ ନମ୍ବର ସ୍ଥାପନ କରାଯାଇଛି । ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ସେନା ଏବଂ ନୌସେନାକୁ ମୁତୟନ କରାଯାଇଥିବା ଜଣାପଡିଛି ।